# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**10 August– 2026**

## ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୯ଟି ବିଭାଗରେ ନବନିଯୁକ୍ତ ୧ହଜାର ୩୨୬ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିବେ। ଭୁବନେଶ୍ୱର ରେଳ ପ୍ରେକ୍ଷାଳୟଠାରେ ଏହି ନିଯୁକ୍ତିମେଳାର ଆୟୋଜନ କରାଯିବ।

## ଭାଗଚାଷୀ ପଞ୍ଜିକରଣ

ରାଜ୍ୟରେ ଖରିଫ ଧାନ ସଂଗ୍ରହ ନେଇ ଭାଗଚାଷୀ ପଞ୍ଜିକରଣ ନୀତିକୁ ଅଧିକ ସରଳ କରାଯାଉଛି ବୋଲି ଖାଦ୍ୟଯୋଗାଣ ଓ ଖାଉଟୀକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ଆପ୍ ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଉଛି । ଏହାଦ୍ୱାରା ଜମି ମାଲିକ ଉପସ୍ଥିତ ନ ରହି ମଧ ଆପ୍ ମାଧମରେ ସମ୍ମତି ପ୍ରକାଶ ଫର୍ମପୂରଣ କରିପାରିବେ ।

**V/O**

ଗତକାଲିସୁଦ୍ଧା ୫ହଜାର ୯୩ଜଣ ଚାଷୀ ପଞ୍ଜିକରଣ କରିଥିବାବେଳେ ୩ହଜାର ୧୦୮ଜଣଙ୍କ ପାଖରେ କୃଷକ ପରିଚୟ ପତ୍ର ରହିଥିବା ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

## ମେଡ଼ିକାଲ କଲେଜ ସ୍ଥାନିତ

ଆଇଆଇଆର୍‌ଏଫ୍ ର୍ୟାଙ୍କିଙ୍ଗ ୨୦୨୬ରେ ରାଜ୍ୟର ୩ଟି ପ୍ରମୁଖ ସରକାରୀ ମେଡ଼ିକାଲ କଲେଜ ସ୍ଥାନିତ ହୋଇଛି । ୧୫ତମ ସ୍ଥାନରେ କଟକର ଏସ୍‌ସିବି, ୬୪ତମ ସ୍ଥାନରେ ଭୀମ୍‌ସାର ଏବଂ ୭୪ତମ ସ୍ଥାନରେ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲ କଲେଜ ରହିଛି । ଅନ୍ୟପକ୍ଷରେ ଭୁବନେଶ୍ୱର ଏମ୍‌ସ ୧୬ତମ ସ୍ଥାନରେ ସ୍ଥାନିତ ହୋଇଛି । ଏହି ସଫଳତା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ୩ଟି ଯାକ ମେଡ଼ିକାଲ କଲେଜର ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କର୍ମୀ ଓ ପ୍ରଶାସନିକ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଜନଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କେତେକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଯୋଗୁଁ ଅଭିଯୋଗ ଶୁଣାଣି ବନ୍ଦ ନେଇ ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ପରବର୍ତ୍ତୀ ଜନଶୁଣାଣି ସମ୍ପର୍କରେ ଗଣମାଧ୍ୟମ ଦ୍ୱାରା ସୂଚନା ପ୍ରଦାନ କରାଯିବ ବୋଲି ବିଭାଗ କହିଛି ।

## ତ୍ରିରଙ୍ଗା ଯାତ୍ରା

ନୟାଗଡ ଜିଲ୍ଲା ରଣପୁରଠାରେ ହର୍ ଘର୍ ତିରଙ୍ଗା ଅଭିଯାନ ଅନ୍ତର୍ଗତ ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସାଂସଦ ଡକ୍ଟର ସମ୍ବିତ ପାତ୍ର ଏବଂ

ବିଧାନସଭା ବାଚସ୍ପତି ସୁରମା ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରା ରଣପୁର ନୂଆ ବସ୍‌ଷ୍ଟାଣ୍ଡ ଛକରୁ ବାହାରି ସହିଦ ରଘୁ ଦିବାକର ମଣ୍ଡପଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ୧୨୦ମିଟର ଲମ୍ବର ଏକ ବିଶାଳ ଜାତୀୟ ପତାକା ପ୍ରଦର୍ଶିତ ହୋଇଥିଲା ।

## ବିଧାୟକଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର ଜିଲ୍ଲାର ନନ୍ଦାହାଣ୍ଡି ସିନ୍ଧିଗୁଡ଼ା ପଞ୍ଚାୟତର ରଙ୍ଗମାଟିଗୁଡ଼ା ଗାଁକୁ ବିଧାୟକ ଗୌରୀଶଙ୍କର ମାଝୀ ଗସ୍ତ କରିଥିଲେ । ଏହି ଅବସରରେ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଶ୍ରୀ ମାଝୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି । ସରକାରୀ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଆବାସ ଯୋଜନା ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ମାଝୀ କହିଛନ୍ତି ।

## ଜିଲ୍ଲାପାଳଙ୍କ ମହାବିଦ୍ୟାଳୟ ପରିଦର୍ଶନ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ଗତକାଲି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିଛନ୍ତି । ଶିକ୍ଷା, କ୍ୟାରିୟର ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ଛାତ୍ରଛାତ୍ରୀଙ୍କ ସହ ସେ ଆଲୋଚନା କରିଛନ୍ତି । ସମୟର ସଦୁପଯୋଗ, ନିୟମିତ ଅଧ୍ୟୟନ, ଆତ୍ମବିଶ୍ୱାସ ଏବଂ ନିରନ୍ତର ଅଭ୍ୟାସ ଦ୍ୱାରା ପ୍ରତିଯୋଗିତାମୂଳକ ପରୀକ୍ଷାରେ କିପରି ସଫଳତା ହାସଲ

କରାଯାଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ ।

## ଚାଷୀଙ୍କୁ ସାର ଯୋଗାଣ

ଚାଷୀଙ୍କୁ ନିର୍ଦ୍ଧାରିତ ଏବଂ ଉଚିତ୍ ମୂଲ୍ୟରେ ସାର ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ସାର ବିକ୍ରୟରେ ସ୍ୱଚ୍ଛତା ଏବଂ ନିୟମିତତା ବଜାୟ ଲକ୍ଷ୍ୟରେ ନିର୍ଦ୍ଧାରିତ ମୂଲ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି । ସାର କିଣିବା ସମୟରେ ଦର ଯାଞ୍ଚ କରିବା ସହ ରସିଦ୍ ସଂଗ୍ରହ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ଅନିୟମିତତା କ୍ଷେତ୍ରରେ ତୁରନ୍ତ ଅଭିଯୋଗ କରିବାକୁ କୁହାଯାଇଛି ।

## ଶ୍ରାବଣ ସୋମବାର

ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଜଳଲାଗି ପାଇଁ କାଉଡିଆଙ୍କ ସମେତ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର, ଭଦ୍ରକର ଆଖଣ୍ଡଳମଣି, ନୟାଗଡ଼ ଲଡ୍ଡୁବାବା ପୀଠ,  ଢେଙ୍କାନାଳର କପିଳାସ ପୀଠ, କଟକର ବାବା ଧବଳେଶ୍ୱରଙ୍କ ପୀଠ, ପୁରୀ ଲୋକନାଥ ମନ୍ଦିର, ବାଲେଶ୍ୱରର ବାବା ପଞ୍ଚମହାଲିଙ୍ଗେଶ୍ୱର, କୋରାପୁଟର ଗୁପ୍ତେଶ୍ୱର ଆଦି ପୀଠଗୁଡ଼ିକରେ ବୋଲବମ ଭକ୍ତ ଜଳାଭିଷେକ କରୁଛନ୍ତି ।

## ସିଂହ ଦିବସ

ଜୈବ ବିବିଧତା ଏବଂ ପରିବେଶ ସନ୍ତୁଳନରେ ସିଂହଙ୍କ ଗୁରୁତ୍ୱ ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ  ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି। ୨୦୧୩ ଅଗଷ୍ଟ ୧୦ ତାରିଖରେ ପ୍ରଥମେ ବିଶ୍ୱ ସିଂହ ଦିବସ ପାଳନ କରାଯାଇଥିଲା। ଗତବର୍ଷ କରାଯାଇଥିବା ଗଣନା ଅନୁଯାୟୀ ଦେଶରେ ସିଂହଙ୍କ ସଂଖ୍ୟା ୮୯୧ ରହିଥିଲା ।

# କୃମିନାଶକ ଦିବସ

ଜାତୀୟ କୃମିନାଶକ ଦିବସ ଅବସରରେ ଆଜି ୧ରୁ ୧୯ ବର୍ଷ ବୟସର ଶିଶୁ ଓ କିଶୋର ମାନଙ୍କୁ ରାଜ୍ୟର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ର ଓ ବିଦ୍ୟାଳୟରେ କୃମିନାଶକ ଔଷଧ ପ୍ରଦାନ କରାଯିବ । ଆସନ୍ତା ୧୭ ତାରିଖରେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# ଜନଜାତି ଦିବସ

ନୂଆପଡା ଜିଲ୍ଲା ବୋର୍ଡେନ୍ ବ୍ଲକ ହାଇସ୍କୁଲ ପଡ଼ିଆଠାରେ ଗତକାଲି ବିଶ୍ୱ ଜନଜାତି ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ଶୋଭାଯାତ୍ରାରେ ଜନଜାତି ସଂପ୍ରଦାୟ ପାରମ୍ପରିକ ବେଶ ପରିଧାନ ସହ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ପାଣିପାଗ

ଉତ୍ତରଓଡ଼ିଶା ସଂଲଗ୍ନ ଝାଡ଼ଖଣ୍ଡ ଉପରେ ଏକ ଲଘୁଚାପ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷାହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ୧୨ଟି ଗେଟ୍ ଦେଇ ବର୍ତ୍ତମାନ ବନ୍ୟାଜଳ ନିଷ୍କାସନ ଜାରି ରହିଛି ।